## ନଦୀରେ ଭାସିଯାଇ ଯୁବକ ନିଖୋଜ

ଖଣ୍ଡପଡ଼ା,(ସ୍ୱ.ପ୍ର.): ଖଣ୍ଡପଡ଼ା ଏନ୍ଏସି ୮ନଂ. ୱାର୍ଡ ତଅଁଳାସାହିର ଲୋକନାଥ ନାଏକ (୩୫) ନିକଟସ୍ଥ କୁସୁମୀ ନଦୀରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ରବିବାର ସନ୍ଧ୍ୟାରେ ଲୋକନାଥ କୁସୁମୀ ନଦୀକୁ ସ୍ନାନ ଶୌଚାଦି ପାଇଁ ଯାଇଥିଲେ। ହେଲେ ଗୋଡ ଖସିଯିବାରୁ ସେ ଗଭୀର ଜଳରେ ବୁଡ଼ିଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜଣାପଡ଼ିଛି। ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଖଣ୍ଡପଡା ଅଗ୍ନିଶମ ବିଭାଗ କର୍ମଚାରୀ ଓ ଓଡ୍ରାଫ୍ ଟିମ୍ ସୋମବାର ନଦୀରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ମିଳିନାହିଁ। ଏ ନେଇ ଲୋକନାଥଙ୍କ ବିଧବା ମା' ଶଶିମଣି ଖଣ୍ଡପଡା ଥାନାରେ ଅଭିଯୋଗ କରିଛନ୍ତି।

# ରଣପୁର ରେଞ୍ଜ କାର୍ଯ୍ୟାଳୟ ଆଗରେ ଧାରଣା

**ନୟାଗଡ଼ ଅଫିସ/ରଣପୁର, ୧୦।୮(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ବଳଭଦ୍ରପୁର ପଞ୍ଚାୟତ ନନ୍ଦପୁର ଗାଁର ସାପଧରାଳି ଅଜୟ କୁମାର ଦାସ(୩୬)ଙ୍କୁ ବନ ବିଭାଗ ଅଟକ ରଖିବା ଘଟଣା ବିବାଦୀୟ ହୋଇପଡିଛି। ଏ ନେଇ ବନ ବିଭାଗର ରେଞ୍ଜର ଓ କର୍ମଚାରୀଙ୍କ ନାଁରେ ରଣପୁର ଥାନାରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷେ ରେଞ୍ଜରଙ୍କୁ ନିଲମ୍ବନ ସହ ଅଟକ ଅଜୟଙ୍କୁ ମୁକ୍ତ କରିବା ଦାବି ନେଇ ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଲୋକେ ଧାରଣା ଦେଇଥିଲେ। ସେପଟେ ଅଟକ ଥିବା ଅଜୟ ଫେରାର ହୋଇଯିବା ଘଟଣାରେ ଖୋର୍ଦ୍ଧା ଡିଏଫ୍‌ଓ ୨ଜଣ ଷ୍ଟ୍ରାଇକିଂ ଫୋର୍ସ (ସବୁଜବାହିନୀ)ସଦସ୍ୟଙ୍କୁ ନିଲମ୍ବନ କରିଛନ୍ତି। ତେବେ ଧାରଣା ଚାଲୁ ରହିଥିବାବେଳେ ଖବର ସଂଗ୍ରହ କରୁଥିବା ଗଣମାଧମ ପ୍ରତିନିଧିଙ୍କୁ ରଣପୁର ରେଞ୍ଜର ଦୁର୍ବ୍ୟବହାର କରିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପଟେ ସାପଧରାଳିଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିବା ନେଇ କେଉଁଝରର ସୋଲପଟାର ଜଣେ ସାମାଜିକ କର୍ମୀ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ରବିବାର ଫେରାଦ୍ ହେବା ପରେ



ରଣପୁର ରେଞ୍ଜ କାର୍ଯ୍ୟାଳୟ ଆଗରେ ଲୋକଙ୍କ ବିକ୍ଷୋଭ।

୧୨୬୭୧/ଇନ୍/୨୦୨୦ରେ କେସ୍ ଡାଏରୀ ହୋଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

ଅଭିଯୋଗ ଅନୁସାରେ ଗତ ୬ ତାରିଖ ବିଳମ୍ବିତ ରାତିରେ ରଣପୁର ରେଞ୍ଜରଙ୍କ ସମେତ କିଛି ବନ କର୍ମଚାରୀ ମୁଣ୍ଡରେ ବନ୍ଧୁକ ରଖି ସାପଧରାଳି ଅଜୟଙ୍କୁ ଘରୁ ଉଠାଇ ଆଣିଥିଲେ। ହେଲେ ଅଟକର ୫ଦିନ ବିତିଯିବାକୁ ବସିଥିଲେ ମଧ ବନ ବିଭାଗ ଅଜୟଙ୍କୁ ଛାଡି ନ ଥିଲା କି କୋର୍ଟ ଚାଲାଣ କରି ନ ଥିଲା। ଅଜୟଙ୍କ ମା' ପ୍ରମିଳା ଦାସ ପୁଅ ବିଷୟରେ ପଚାରିଥିଲେ ମଧ କିଛି ଜାଣିନାହାନ୍ତି କହି ରେଞ୍ଜର ଫେରାଇ ଦେଇଥିଲେ। ପରେ

**ସାପ ଧରାଳିଙ୍କୁ ଘରୁ ଉଠାଇନେବା ଘଟଣା**

- ବନ ବିଭାଗ କର୍ମଚାରୀଙ୍କ ନାଁରେ ମାମଲା ରୁଜୁ
- ୨ ଷ୍ଟ୍ରାଇକିଂ ଫୋର୍ସ ସଦସ୍ୟ ନିଲମ୍ବିତ
- ଗଣମାଧମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ନେଇ ରେଞ୍ଜରଙ୍କ ନାଁରେ ଅଭିଯୋଗ

ପ୍ରମିଳା ଗତ ୮ ତାରିଖରେ ରଣପୁର ଥାନାର ଦ୍ୱାରସ୍ଥ ହୋଇ ପୁଅର ମୁକ୍ତି ପାଇଁ ନିବେଦନ କରିଥିଲେ। ହେଲେ ପୋଲିସର କାର୍ଯ୍ୟାନୁଷ୍ଠାନ ନ ଥିଲା। ଶେଷରେ ନ୍ୟାୟ ପାଇଁ ପ୍ରମିଳାଙ୍କ ସମେତ ନନ୍ଦପୁର ଓ ବଳଭଦ୍ରପୁର ଅଞ୍ଚଳର ଲୋକମାନେ ସୋମବାର ଅପରାହ୍ନରେ ରଣପୁର ଥାନା ଓ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହାସହ ଥାନା ଘେରାଉ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଏହା ଜାଣିବା ପରେ ପୋଲିସ ତରବରିଆ ଭାବେ ରେଞ୍ଜର ଓ କର୍ମଚାରୀଙ୍କ ନାମରେ ମାମଲା (ନଂ.୨୨୮/୨୦) ରୁଜୁ କରି ଥାନା ସମ୍ମୁଖରେ ଆନ୍ଦୋଳନ ନ କରିବାକୁ ଲୋକମାନଙ୍କୁ ବୁଝାଇଥିଲା। ପରେ ଅଞ୍ଚଳର ମହିଳା ପୁରୁଷ ରଣପୁର ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଅପରାହ୍ନ ୪ଟାରେ ଧାରଣା ଦେଇଥିଲେ। ରଣପୁର ରେଞ୍ଜର ଶରତ କୁମାର ଶତପଥୀ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଅଟକ ଥିବା ଅଜୟ ଟାଙ୍ଗୀଠାରୁ ଗତ ରାତିରେ ଫେରାର ହୋଇଯାଇଥିବା କହିଥିଲେ। ରେଞ୍ଜରଙ୍କ କଥାକୁ ଆନ୍ଦୋଳନକାରୀ ବିଶ୍ୱାସକୁ ନେଇ ନ ଥିଲେ। ଘଟଣାସ୍ଥଳେ ଖୋର୍ଦ୍ଧା ଏସିଏଫ୍ ରବୀନ୍ଦ୍ର କୁମାର ମହାପାତ୍ର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏପରି କି ଅଜୟ ଖସିଯାଇଥିବା ଖବର ଦେଇଥିଲେ। କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଡିଏଫ୍‌ଓ ଓଆର ୩ଆର ଅଫ ୨୦୨୦ରେ ମାମଲା ରୁଜୁ କରି ଷ୍ଟ୍ରାଇକିଂ ଫୋର୍ସ ସଦସ୍ୟ ଦୀପକ ପ୍ରଧାନ ଓ ତୋଫାନ ଦାସଙ୍କୁ ନିଲମ୍ବନ କରିଛନ୍ତି। ଗିରଫ ପରେ ଏମାନଙ୍କୁ ନୟାଗଡ଼ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ରଣପୁର ସବ୍‌ଜେଲକୁ ପଠାଯାଇଥିବା ସେ ସୂଚନା ଦେଇଥିଲେ। ନ୍ୟାୟ ଦେବା ପାଇଁ ଏସିଏଫ୍‌ଙ୍କ ପ୍ରତିଶ୍ରୁତି ପରେ ସନ୍ଧ୍ୟା ୭ଟାରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ୨୨ କରୋନା ପଜିଟିଭ୍ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ, ୧୦।୮**

ଜଗତ୍‌ସିଂହପୁର ଜିଲାରେ ୨୨ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୮୭୯ରେ ପହଞ୍ଚିଛି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ନୂଆ ୨୨ ପଜିଟିଭ୍‌ଙ୍କ ମଧ୍ୟରେ ପାରାଦୀପରୁ ୧୪, ନାଉଗାଁରୁ ୪, ଜଗତ୍‌ସିଂହପୁର ବ୍ଲକରୁ ୨ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ରଘୁନାଥପୁର ଓ କୁଜଙ୍ଗରୁ ଜଣେ ଲେଖାଏ ସଂକ୍ରମିତ ହୋଇଛନ୍ତି। ପାରାଦୀପର ୧୪ ଜଣଙ୍କ ମଧ୍ୟରୁ ଆଇଓସିଏଲ୍‌ରେ କାର୍ଯ୍ୟରତ ୯ ଜଣ ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ । ୪ ଜଣ ବିହାରରୁ ଫେରନ୍ତା ବୋଲି ଜଣାପଡ଼ିଛି। ଆଉ ଜଣେ ହୋମ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ପୁରୁଣା ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଛନ୍ତି । ନାଉଗାଁର ୪ ଜଣଙ୍କ ମଧ୍ୟରୁ କର୍ନାଟକରୁ ଜଣେ ଓ ଅନ୍ୟ ୩ ଜଣ ହୋମ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ପୁରୁଣା ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଜଗତ୍‌ସିଂହପୁର ବ୍ଲକର ୨ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଓପିଡି ଆଟେଣ୍ଡାଣ୍ଟ ହୋଇଥିବା ବେଳେ ଅନ୍ୟ ଜଣେ ପାରାଦୀପସ୍ଥିତ ପିପିଟି ହସ୍ପିଟାଲରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରନ୍ତି । ରଘୁନାଥପୁରର ଆକ୍ରାନ୍ତ ଭୁବନେଶ୍ୱର ଫେରନ୍ତା ହୋଇଥିବା ବେଳେ କୁଜଙ୍ଗ ଆକ୍ରାନ୍ତ କଟକର ଏକ ଘରୋଇ ହସ୍ପିଟାଲକୁ ଯାଇ ସଂକ୍ରମିତ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

**ଖଣ୍ଡପଡ଼ା,୧୦।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ ଯୁବକ ଓ ତାଙ୍କ ମା'ଙ୍କ ନାମରେ ମାମଲା (ନଂ.୨୦୩/୨୦) ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି। ପ୍ରକାଶ ଯେ, ଯୁବତୀ ଜଣକ ରବିବାର ନିକଟସ୍ଥ ନଦୀରୁ ଗାଧୋଇ ଘରକୁ ଫେରୁଥିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ଘରକୁ ଟାଣିନେଇ ବଳାତ୍କାର ଉଦ୍ୟମ କରିଥିଲେ। ପୋଲିସ ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ନୟାଗଡ଼ରେ ଡାକ୍ତରୀମାଇନା କରିଥିବା ଏସ୍‌ଆଇ ରାମଦାଶ ବେଶ୍ରାଙ୍କଠାରୁ ପ୍ରକାଶ। ଘଟଣା ପରଠାରୁ ଅଭିଯୁକ୍ତ ଯୁବକ ଫେରାର ଥିବା ପୋଲିସ ସୂଚନା ଦେଇଛି।

### ନଦୀରୁ ମୃତଦେହ ଉଦ୍ଧାର

**ଜଗତ୍‌ସିଂହପୁର ଅଫିସ, ୧୦।୮:** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଆଲିପିଙ୍ଗଳ ପୋଲ ନିକଟ ଦେବୀ ନଦୀରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ କଟକ ରାଜେନ୍ଦ୍ର ନଗରର କୃଷ୍ଣଚନ୍ଦ୍ର ସାମଲ(୬୬)। ୩ ଦିନ ପୂର୍ବରୁ ସେ ନିଖୋଜ ଥିବା ନେଇ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହୋଇଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ ଆତ୍ମହତ୍ୟା କିମ୍ବା ଦୁର୍ଘଟଣାଜନିତ ଘଟଣା ବୋଲି ପୋଲିସ ସନ୍ଦେହ କରୁଛି। ପୁଅ ଜାନକୀ ବଲ୍ଲଭ ସାମଲଙ୍କ ଅଭିଯୋଗକ୍ରମେ ଥାନାରେ ଅପମୃତ୍ୟୁ ମାମଲା (ନଂ ୫୮/୨୦)ରୁଜୁ କରିଛି।

### ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

**ରାହାମା,୧୦।୮(ଡି.ଏନ୍.ଏ.)**

କୁଜଙ୍ଗ ଥାନା ଅନ୍ତର୍ଗତ କାଠକୋଟ ପଞ୍ଚାୟତର କୁକୁରଖାଇ ଗ୍ରାମରେ ସୋମବାର ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁବାସ ଚନ୍ଦ୍ର ପ୍ରଧାନ(୩୦)। ଅପରାହ୍ନରେ ବିଲକୁ ଚାଷ କରିବାକୁ ଗଲାବେଳେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁବାସଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କୁଜଙ୍ଗ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୯୫/୨୦) ରୁଜୁ ହୋଇଛି।

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନାଉଗାଁ,୧୦।୮ (ସ୍ୱ.ପ୍ର.):** ନାଉଗାଁ ଥାନା ଅନ୍ତର୍ଗତ ଶିଖର ଗ୍ରାମସ୍ଥିତ ଶିଖରଘାଟ ସେତୁ ବାଡାରୁ ସୋମବାର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଲୋକନାଥ ବାହାଲିଆ (୮୫)। ସକାଳୁ ନଦୀକୁ ଗାଧୋଇବାକୁଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜା ଖୋଜି କରି ସେତୁ ବାଡାରୁ ନିଜ ପିନ୍ଧା ଗାମୁଛାରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଖବରଦିଆଯିବା ପରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ନିମନ୍ତେ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ ୬/୨୦) ରୁଜୁ ହୋଇଛି।

### ନୟାଗଡ଼ରେ ୩୨ ନୂଆ ଆକ୍ରାନ୍ତ ଚିହ୍ନଟ

**ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଲା**

**ନୟାଗଡ଼ ଅଫିସ,୧୦।୮:** ନୟାଗଡ଼ ଜିଲାରେ ସୋମବାର ୩୨ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୪୪ରେ ପହଞ୍ଚିଛି। ନୂଆ ଆକ୍ରାନ୍ତ ମଧ୍ୟରୁ ରଣପୁର ବ୍ଲକର ୧୮, ଭାପୁର ୧, ଗଣିଆ ୨, ଖଣ୍ଡପଡ଼ା ୨, ନୟାଗଡ଼ ୧, ନୂଆଗାଁ ୩, ଓଡଗାଁ ବ୍ଲକରୁ ୫ଜଣ ଚିହ୍ନଟ ହୋଇଥିବା ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଜିଲା ଦୌରାଜଜ୍ ଓ କୋର୍ଟ କମ୍ପ୍ଲେକ୍ସ ବିଶୋଧନ ହେବାକୁ ଥିବାରୁ ୧୦ ତାରିଖ ମଧାହ୍ନ ୧୨ଟାରୁ ୧୭ ତାରିଖ ସକାଳ ୯ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ସେହିପରି ଜିଲାର ୩ଜଣ ବ୍ୟକ୍ତିଙ୍କ କରୋନାରେ ମୃତ୍ୟୁ ହୋଇଥିବା ଜିଲା ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯିବା ପରେ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି। ସୂଚନା ଅନୁସାରେ ଚିକିତ୍ସିତ ଅବସ୍ଥାରେ ନୟାଗଡ଼ର ଜଣେ ୩୦ ବର୍ଷର ଯୁବକ ଗତ ୬ ତାରିଖରେ ପ୍ରାଣ ହରାଇଛନ୍ତି। ସେହିଭଳି ରଣପୁର ବ୍ଲକ ଚାନ୍ଦପୁରର ଜଣେ ବ୍ୟକ୍ତି ଗତ ୩୧ ତାରିଖରେ ଓ ଦଶପଲ୍ଲାର ଜଣେ ୩୪ ବର୍ଷର ଯୁବକଙ୍କ ଗତ ୮ ତାରିଖରେ ମୃତ୍ୟୁ ହୋଇଛି।

## ୬ ଲକ୍ଷ ଟଙ୍କା ଲୁଟ୍ ମାମଲାରେ ୬ ଗିରଫ





ଗିରଫ ୬ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**କେନ୍ଦ୍ରାପଡ଼ା ଅଫିସ, ୧୦।୮**

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା କଟକ ଚାନ୍ଦବାଲି ରାଜ୍ୟ ରାଜପଥର ପଥରକଣୀଠାରେ ଏକ ବ୍ୟବସାୟିକ ସଂସ୍ଥାର ପ୍ରାୟ ୬ ଲକ୍ଷ ଟଙ୍କା ଗତ ୬ ତାରିଖରେ ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା । ଏହି ମାମଲା (ନଂ.୯୭/୨୦)ରେ ପୋଲିସ ୬ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଟାଉନ ଥାନା ମାଧପୁର ଗ୍ରାମର ଡ୍ରାଇଭର ପ୍ରତାପ ସୂତାର, ପଟ୍ଟାମୁଣ୍ଡାଇ ଥାନା ପୋଖରିଆ ଗ୍ରାମର ରାହୁଲ ବେହେରା, ଟାଉନ ଥାନା ସାତସାହିର ମିଟୁ ମହାରଣା, କଟକ ଜିଲା ସାଲେପୁର ଥାନା ହରିଚନ୍ଦନପୁର ଗ୍ରାମର ମନୋରଞ୍ଜନ ରଣା, ସିଶୁଆବେିରେଜ ଗ୍ରାମର ସଞ୍ଜୀବ ମିଶ୍ର ଓ ମାହାଙ୍ଗା ଥାନା ସାହାପୁର ଗ୍ରାମର ଦିଲୀପ ଲେଙ୍କା। ଥାନା ପରିସରରେ ଏସ୍‌ପି ନୀତିଶେଖର ଗଣମାଧ୍ୟମକୁ ସୂଚନା ଦେଇଥିଲେ ଯେ, ୬ ତାରିଖ ଅପରାହ୍ନରେ ବ୍ୟବସାୟିକ ସଂସ୍ଥାର ଭ୍ୟାନ ଅଟକାଇ ଟଙ୍କା ଲୁଟ ହୋଇଥିବା ସଂସ୍ଥା ମାଲିକ ଟାଉନ ଥାନା ମଡ଼ିଆଳ ଗ୍ରାମର ସୋମନାଥ ସାହୁ ଅଭିଯୋଗ କରିଥିଲେ । ଥାନା ଅଧିକାରୀ କାବୁଲି ବାରିକ ଏହାର ତଦନ୍ତ କରିଥିବା ବେଳେ ଡ୍ରାଇଭର ସୂତାରଙ୍କ ଉପରେ ସନ୍ଦେହ ହୋଇଥିଲା। ତାଙ୍କୁ ପଚରାଉଚୁରା ପରେ ସହଯୋଗୀଙ୍କ ନାମ ପ୍ରକାଶ ପାଇଥିଲା । ସେମାନଙ୍କଠାରୁ ୫ ଲକ୍ଷ ୩୨ ହଜାର ଟଙ୍କା, ଦୁଇଟି ବାଇକ୍, ୫ଟି ମୋବାଇଲ ଫୋନ, ଗୋଟିଏ ଭୁଜାଲି ଓ ଗୋଟିଏ ଫାର୍ସା ଜବତ କରାଯାଇଛି ।

## ୭ ପୋଲିସ ଅଧିକାରୀଙ୍କୁ ବଦଳି

**ଜଗତ୍‌ସିଂହପୁର ଅଫିସ, ୧୦।୮**

ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ଆର ୭ ପୋଲିସ ଅଧିକାରୀଙ୍କୁ ଜିଲା ଭିତରେ ବଦଳି କରିଛନ୍ତି । ଜଟାଧାର ମୁହାଣ ମେରାଇନ ଥାନା ଆଇଆଇସି ଭାରତ ବେହେରାଙ୍କୁ ନାଉଗାଁ ଥାନା, ନାଉଗାଁ ଥାନା ଆଇଆଇସି ଗୋବର୍ଦ୍ଧନ ସାହୁଙ୍କୁ ଜଗତ୍‌ସିଂହପୁର ଆଇୟୁସିଏଡବ୍ଲ୍ୟୁ (ଇନ୍‌ଭେଷ୍ଟିଗେଶନ୍ ୟୁନିଟ୍ ଫର କ୍ରାଇମ୍ ଏଗେନେଷ୍ଟ ଓମେନ୍), ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ଇନ୍ସପେକ୍ଟର ଦେବେନ୍ଦ୍ର ମହାପାତ୍ରଙ୍କୁ ଜଗତ୍‌ସିଂହପୁର ଡିସିଆର୍‌ବି (ଡିଷ୍ଟ୍ରିକ୍ଟ ଟାଇମ୍ ରେକର୍ଡ ବ୍ୟୁରୋ), କୁଜଙ୍ଗ ଆଇଆଇସି ଦିଲୀପ ସାହୁଙ୍କୁ ବିରିଡ଼ି ଆଇଆଇସି, ବିରିଡ଼ି ଆଇଆଇସି ପାରୋ ଟୁଡୁଙ୍କୁ କୁଜଙ୍ଗ ଥାନା, ଜଗତ୍‌ସିଂହପୁର ଆଇୟୁସିଏଡବ୍ଲ୍ୟୁ ଇନ୍ସପେକ୍ଟର ବିଜୟ ବେକ୍‌ଙ୍କୁ ଜଟାଧାର ମୁହାଣ ମେରାଇନ ଥାନା ଆଇଆଇସି, ଜଗତ୍‌ସିଂହପୁର ଡିସିଆର୍‌ବି ଇନ୍‌ସ୍ପେକ୍ଟର ଅଜୟ ଚନ୍ଦ୍ର ମୁଦୁଲିଙ୍କୁ ବନ୍ଦର ମେରାଇନ ଥାନା ଆଇଆଇସି ଦାୟିତ୍ୱ ଦିଆଯାଇଛି।

## ବୋମା ପକାଇ ଯୁବତୀଙ୍କୁ ଅପହରଣ ଉଦ୍ୟମ

**ଜଣେ ଅଭିଯୁକ୍ତ ଗୁରୁତର, ୨ ଗିରଫ**

**ନାଉଗାଁ,୧୦।୮(ସ୍ୱ.ପ୍ର.)**

ଜଗତସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ଗୋବରୀକୂଳ ଗ୍ରାମରେ ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଅପହରଣ କରିବାକୁ କେତେଜଣ ଯୁବକ ବୋମା ଫୁଟାଇଛନ୍ତି। ଏହି ସମୟରେ ଅଭିଯୁକ୍ତଙ୍କ ହାତରେ ବୋମା ଫୁଟିଯିବାରୁ ସେ ଗୁରୁତର ହୋଇଛନ୍ତି। ଅନ୍ୟ ୨ ଜଣଙ୍କୁ ନାଉଗାଁ ପୋଲିସ ଗିରଫ କରିଛି। ଆଉ ୩ ଜଣ ଫେରାର ହୋଇଯାଇଛନ୍ତି। ଗୁରୁତର ହୋଇଥିବା ଅଭିଯୁକ୍ତ ହେଲେ ଖଇରା ଗ୍ରାମର ସମୀର ରାୟ। ତାଙ୍କୁ ପ୍ରଥମେ ଜଗତସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେହିପରି କାଂଶ ଗ୍ରାମର ଦେବ ପ୍ରସାଦ ମିଶ୍ର ଓ ଜଗତସିଂହପୁର ବ୍ଲକ ମହିରା ଗ୍ରାମର ଶକ୍ତି ଚନ୍ଦନ ମହାନ୍ତିଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଯୁବତୀଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା (ନଂ.୧୧୭/୨୦)ରୁଜୁ ହୋଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟାରେ ୬ ଜଣ ଯୁବକ ୨ ମୋଟର ସାଇକେଲ ଓ ଏକ କାର୍‌ରେ ମାରଣାସ୍ତ୍ର ଧରି ଘରକୁ ପଶିଥିଲେ। ବଳପୂର୍ବକ ଝିଅକୁ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ପରିବାର ଲୋକେ ଏହାକୁ ବିରୋଧ କରିବାରୁ ସେମାନେ ଭୁଜାଲିରେ ଆକ୍ରମଣ କରିଥିଲେ। ଏଥିରେ ଅଭିଯୋଗକାରୀ ବାପା ଆହତ ହୋଇଥିଲେ। ଏହିସମୟରେ ସମୀର ବୋମା ପକାଉଥିବା ବେଳେ ଏହା ତାଙ୍କ ହାତରେ ଫୁଟିଯାଇଥିଲା। ଶବ୍ଦ ଶୁଣି ଗ୍ରାମବାସୀ ଦୌଡି ଆସିବାରୁ ଅନ୍ୟ ଅଭିଯୁକ୍ତମାନେ ସମୀରଙ୍କୁ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଖବରପାଇ ନାଉଗାଁ ପୋଲିସ ସେମାନଙ୍କ ପିଛା କରି ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ ନିକଟରୁ ସମୀରଙ୍କ ସମେତ ଅନ୍ୟ ୨ ଜଣଙ୍କୁ ଧରିଥିଲା। ଫେରାର ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସଆଇ ପ୍ରତାପ ଦାସ କହିଛନ୍ତି।

## ଜିଲାପାଳଙ୍କ ଭିଡିଓ କନ୍‌ଫରେନ୍ସକୁ ବର୍ଜନ କଲେ ସରପଞ୍ଚ

**ବାଲିକୁଦା(ସ୍ୱ.ପ୍ର.)/ବାଲିଆ,୧୦।୮**

**ଟିଏମସି ଖର୍ଚ୍ଚ ଅର୍ଥ ପ୍ରଦାନରେ ଅହେତୁକ ବିଳମ୍ବ ଅଭିଯୋଗ**

ଜଗତ୍‌ସିଂହପୁର ଜିଲାର ବାଲିଆ ଓ ବିରିଡ଼ି ବ୍ଲକରେ ଟିଏମସି(ଅସ୍ଥାୟୀ ଚିକିତ୍ସା ଶିବିର) ଖର୍ଚ୍ଚ ପ୍ରଦାନରେ ବିଳମ୍ବ ହୋଇଥିବା ଅଭିଯୋଗ କରି ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଜିଲାପାଳଙ୍କ ଭିଡିଓ କନଫରେନ୍ସ କାର୍ଯ୍ୟକ୍ରମକୁ ସୋମବାର ବର୍ଜନ କରିଛନ୍ତି। ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବ୍ଲକର ସରପଞ୍ଚମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମାତ୍ର ସେମାନେ ସେଥିରେ ଯୋଗ ନ ଦେଇ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ବସି ପ୍ରତିବାଦ କରିଥିଲେ। ମହାମାରୀ ସମୟରେ ଟିଏମସି କାର୍ଯ୍ୟକୁ ସରପଞ୍ଚମାନେ ହାତରୁ ଟଙ୍କା ଖର୍ଚ୍ଚ କରି ସୁପରିଚାଳନା କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଖର୍ଚ୍ଚ ଟଙ୍କା ମିଳିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି ପିଡିଏସ ସାମଗ୍ରୀ ପ୍ରଦାନରେ ଅନିୟମିତତା, ମନମୁଖିଭାବେ ଆବାସ ଯୋଜନା ହିତାଧିକାରୀ ଚୟନ ଓ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନିୟମିତତା, ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବ୍ଲକକୁ ଆସିଥିବା ନ୍ୟୁଟ୍ରିଗାର୍ଡେନ ସମ୍ପର୍କରେ ସରପଞ୍ଚମାନଙ୍କୁ କୌଣସି ତଥ୍ୟ ଦିଆଯାଉ ନ ଥିବା ଆଦି ଅଭିଯୋଗ କରି ସେମାନେ ପ୍ରତିବାଦ କରିଥିଲେ। ୧୫ ତାରିଖ ସୁଦ୍ଧା ସମସ୍ୟାର ସମାଧାନ କରା ନ ଗଲେ ସମସ୍ତ ସରପଞ୍ଚ ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦରେ ସରପଞ୍ଚ ଶରତ ସେଠୀ, ଗୋବିନ୍ଦ ସେଠୀ, ପର୍ଶୁରାମ ସେଠୀ, ସାଧୁ ଚରଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବିରିଡି ବ୍ଲକର ସରପଞ୍ଚମାନେ ମଧ ଟିଏମ୍‌ସି ଅର୍ଥ ମିଳିବାରେ ବିଳମ୍ବ ହୋଇଥିବା ଅଭିଯୋଗ କରି ବ୍ଲକ କାର୍ଯ୍ୟାଳୟରେ ହେବାକୁ ଥିବା ଜିଲାପାଳଙ୍କ ଭିଡିଓ କନ୍‌ଫେରେନ୍ସରେ ଯୋଗ ଦେଇ ନଥିଲେ। ଫଳରେ ଚେୟାର ସବୁ ଖାଲି ପଡିଥିଲା। ଏଥିରେ ଚେୟାରମ୍ୟାନ, ବିଡିଓ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ ଯୋଗଦେଇଥିଲେ। ତୁରନ୍ତ ଟିଏମ୍‌ସିରେ ଖର୍ଚ୍ଚ ହୋଇଥିବା ଅର୍ଥ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସରପଞ୍ଚ ଅଶୋକ ଜେନା, ତୃପ୍ତି ରାୟ ଓ ସ୍ୱର୍ଣ୍ଣଲତା ସେଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି।



ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସରପଞ୍ଚମାନେ ପ୍ରତିବାଦ କରୁଛନ୍ତି।

## କୃଷକ ସଂଗଠନର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

**କେନ୍ଦ୍ରାପଡ଼ା ଅଫିସ, ୧୦।୮**

କୃଷକ ଓ କ୍ଷେତ ମୂଲିଆ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର କେନ୍ଦ୍ରାପଡା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ କହିଛନ୍ତି, କରୋନା ମହାମାରୀ କୃଷକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି। ଏଥିପାଇଁ ସମସ୍ତଙ୍କୁ ମାଗଣା ଚିକିତ୍ସା, ପରିବାର ପିଛା ମାସିକ ୭୫୦୦ ଟଙ୍କା ପ୍ରଦାନ ସହିତ ଜଣଙ୍କୁ ସରକାରୀ ଚାକିରି ଦାବି କରାଯାଇଛି। କୃଷକ ନେତା ଉମେଶ ଚନ୍ଦ୍ର ସିଂହ, ନରୋତ୍ତମ ପାର୍ଥ ସାରଥୀ, ଜଗଜୀବନ ଦାସ, ମାଧବ ଦାସ, ଅଜୟ ସାମଲ ବିକ୍ଷୋଭର ନେତୃତ୍ୱ ନେଇଥିଲେ ।

# ଘେରିବନ୍ଧ ମରାମତି ଅଧାରୁ ବନ୍ଦ

**ବରୀ, ୧୦।୮ (ଡି.ଏନ୍.ଏ.)**

**ଚିଙ୍ଗୁଡ଼ିଆ ନଦୀ ଘେରିବନ୍ଧ**

- ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଅଧା କାମ କରି ଠିକାଦାର ଛୁ
- ନଦୀରେ ବନ୍ୟା ଜଳ ପ୍ରବେଶ ପରେ ଗ୍ରାମବାସୀ ଆତଙ୍କିତ

ବରୀ ବ୍ଲକ ଦେଇ ପ୍ରବାହିତ ଖରସ୍ରୋତା ନଦୀର ଶାଖା ଚିଙ୍ଗୁଡ଼ିଆ ନଦୀ ବନ୍ୟା ଦାଉରୁ ବୋଦୁଅ ପଞ୍ଚାୟତର ଏରଡ଼ା ଗ୍ରାମକୁ ରକ୍ଷା କରିବା ପାଇଁ ଘେରିବନ୍ଧ ନିର୍ମାଣ କରାଯାଇଥିଲା। ଏହା ଅତ୍ୟନ୍ତ ଦୁର୍ବଳ ହୋଇଯାଇ ଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ଘେରିବନ୍ଧ କଡ଼ରେ ଗାର୍ଡୱାଲ୍ ନିର୍ମାଣ ଲାଗି ପ୍ରାୟ ୨୯ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଦାୟିତ୍ୱରେ ଥିବା ଠିକାଦାର ଏରଡ଼ା ସେତୁଠାରୁ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଘେରିବନ୍ଧ କଡ଼ରେ କେବଳ ଗାତ ଖୋଳି କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ଏବେ ଚିଙ୍ଗୁଡ଼ିଆ ନଦୀରେ ବନ୍ୟା ପାଣି ପ୍ରବେଶ କରିଥିବାରୁ ନଦୀକୂଳିଆ ଲୋକେ ଆଶା ଆଶଙ୍କାରେ ଦିନ କାଟୁଛନ୍ତି। ଗ୍ରାମର ଉଭୟ ପାର୍ଶ୍ୱରେ ଏହି ନଦୀ ପ୍ରବାହିତ ହେଉଥିବା ବେଳେ ଜାରକା ଜଳସମ୍ପଦ ଡିଭିଜନ ଅଧୀନରେ ରହିଥିବା ଏହି ଘେରିବନ୍ଧ କାର୍ଯ୍ୟ ଅଧାପନ୍ତରିଆ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

୩ଟି ୱାର୍ଡକୁ ନେଇ ଗଠିତ ଏରଡ଼ା ରାଜସ୍ୱ ଗ୍ରାମରେ ପାଖାପାଖି ୧୫ଶହ ଲୋକ ବସବାସ କରନ୍ତି। ଚିଙ୍ଗୁଡ଼ିଆ ନଦୀରେ ବନ୍ୟା ପାଣି ଆସିଲେ ଏରଡ଼ା ଗ୍ରାମବାସୀଙ୍କ ମନରେ ଛନକା ପଶେ। ଏହି ଗ୍ରାମକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ନିର୍ମାଣ ହୋଇଥିବା ଘେରିବନ୍ଧ କଡ଼ରେ ଗାର୍ଡୱାଲ ନିର୍ମାଣ ଓ ଦୁର୍ବଳ ସ୍ଥାନଗୁଡ଼ିକୁ ମରାମତି କରିବାକୁ ପ୍ରାୟ ୨୯ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଫବୃୟାରୀରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଏପ୍ରିଲ ଆରମ୍ଭରୁ କାମ ଆରମ୍ଭ ହୋଇ ଅକ୍ଟୋବରରେ ଶେଷ ହେବା କଥା। ମାତ୍ର ଠିକାଦାର ନଦୀ ବନ୍ଧ ପାର୍ଶ୍ୱରେ ଗାତ ଖୋଳି ଦେଇ କାମ ବନ୍ଦ କରିଦେଇଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅନ୍ୟପଟେ ବନ୍ଧ ଦୁର୍ବଳ ଥିବା ସ୍ଥାନରେ ବାଲି ମିଶା ମାଟି ପକାଯାଇଥିବାରୁ ତାହା ଲଘୁଚାପ ବର୍ଷାରେ ଧୋଇଯାଇ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଠିକାଦାର ଅଧାରୁ କାମ ବନ୍ଦ କରିଦେଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଅଞ୍ଚଳବାସୀ ଲିଖିତ ଅଭିଯୋଗ କରିଥିଲେ ବି କୌଣସି ପଦକ୍ଷେପ ନିଆଯାଇନାହିଁ। ଆଗାମୀ ଦିନରେ ବନ୍ୟା ଆଶଙ୍କା ଥିବାରୁ ତୁରନ୍ତ ଗାର୍ଡୱାଲ ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଏ ନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କୁ ବାରମ୍ବାର ଫୋନ୍ କରାଯାଇଥିଲେ ବି ସେ ରିସିଭ୍ ନ କରିବାରୁ ତାଙ୍କ ମତାମତ ନିଆଯାଇ ପାରିନାହିଁ।



ନଦୀ ଘେରିବନ୍ଧ ପାର୍ଶ୍ୱରେ ଗାତ ଖୋଳାଯାଇଛି।

